**ଗ୍ରାମୀଣ କୃଷି ମୌସୁମୀ ସେବା**
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡ଼ିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 05-12-2023

ବଲାଙ୍ଗୀର(ଓଡିଶା) - :2023-12-05 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2023-12-06 | 2023-12-07 | 2023-12-08 | 2023-12-09 | 2023-12-10 |
|---|---|---|---|---|---|
| ବର୍ଷା (ମିମି) | 10.0 | 7.0 | 3.0 | 1.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 27.0 | 29.0 | 30.0 | 30.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 20.0 | 20.0 | 19.0 | 17.0 | 17.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 96 | 97 | 97 | 92 | 94 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 73 | 90 | 68 | 67 | 67 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 13 | 13 | 8 | 7 | 4 |
| ପବନର ଦିଗ (ଡିଗ୍ରୀ) | 66 | 63 | 27 | 243 | 68 |
| ମେଘାଛନ (ଅକ୍ଟା) | 6 | 6 | 5 | 4 | 2 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ଅନୁସାରେ ଆଗକୁ ୪ ଦିନ ସ୍ୱଳ୍ପ ବର୍ଷା ସମ୍ଭାବନା ଓ ପଞ୍ଚମ ଦିନ ପାଗ ଶୁଷ୍କ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭-୩୦ ଡିଗ୍ରୀ ସେଲସିୟସ ୧୭-୨୦ ଡିଗ୍ରୀ ସେଲସିୟସ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ଅଦ୍ରତା ୯୨-୯୭ % ଏବଂ ୬୭-୯୦% ସମ୍ଭାବନା। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୪ ରୁ ୧୩ କିଲୋମିଟର ପ୍ରତି ଘଣ୍ଟା ମଧରେ ରହିବ। ସମ୍ଭାବନା । ଆଗକୁ ୫ ଦିନ ଆକାଶ ମୁଖ୍ୟତ ନିର୍ମଳ ରୁ ମୁଖ୍ୟତ ମେଘୁଆ ସମ୍ଭାବନା।

## ସାଧାରଣ ଉପଦେଶ:

ଅମଳ ହୋଇଥିବା ଫସଲକୁ ଅଦିନିଆ ବର୍ଷା ରୁ ରକ୍ଷା ପାଇଁ ସୁରକ୍ଷିତ ସ୍ଥାନ କୁ ନିଅନ୍ତୁ । • ଶତକଡା ୮୦-୮୫ ଭାଗ ଧାନ ପାଚିଗଲା ପରେ କାଟି ଶୀଘ୍ର ଅମଳ କରି ଦିଅନ୍ତୁ । ଅମଳ ପରେ ଧାନ କୁ ଭଲ ଭାବେ ଖରା ରେ ଶୁଖାଇ ସାଇତି ରଖନ୍ତୁ । • ଫାଟି ଯାଇଥିବା ପାକଳ ଫଳ ରୁ କପା ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନକୁ ନିଅନ୍ତୁ ।ଉପର ବେଳା ସମୟ ରେ କୋବି ଜାତୀୟ ଚାରା ରୋପଣ କରନ୍ତୁ । • ଶୀତ ଦିନିଆ ପନିପନିରିବା ଟମାଟୋ, ବନ୍ଧା କୋବି, ଫୁଲ କୋବି ଓ ପିଆଜ ଚାଷ ପାଇଁ ତଳି ଘେରା ପ୍ରସ୍ତୁତ କରି ବିହନ ବୁଣନ୍ତୁ ଓ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ । ନିୟମିତ ଫସଲ ପର୍ଯ୍ୟବେକ୍ଷଣ କରନ୍ତୁ ଓ ରୋଗ ପୋକ ପ୍ରତି ଧ୍ୟାନ ଦିଅନ୍ତୁ । ପାଗ ପରିଷ୍କାର ଦେଖିକି ସାର ଓ କୀଟନାଶକ ପ୍ରୟୋଗ କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ଫସଲ ଓ ପନିପରିବାକୁ ଶୀଘ୍ର ଅମଳ କରି, ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ସାଇତି ରଖିଥିବା ପାତ୍ର ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ପିଛା ୩ଟି ଟାବଲେଟ ସମୁଦାୟ ୯ ଗ୍ରାମ ଟାବଲେଟ ଭଲଭାବେ ଟାରପୋଲିନ ଘୋଡାଇ ଧୂଆଁ କରନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । |
| ବିରି | ଧଳାମାଛି ନିୟନ୍ତ୍ରଣ ପାଇଁ ବିହନ ବୁଣିବା ପୂର୍ବ ରୁ ପ୍ରତି କିଲୋଗ୍ରାମ ବିହନ ରେ ୭-ଗ୍ରାମ Imidacloprid ନାମକ କୀଟନାଶକ ମିଶାଇ ବିଶୋଧନ କରନ୍ତୁ । ଗଛ ୨-୩ ପତ୍ର ହେବା ଅବସ୍ଥା ରୁ ଏକର ପ୍ରତି ୮-୧୦ଟି ହଳଦିଆ ଅଠା ଯୁକ୍ତ ଯନ୍ତା ବସାନ୍ତୁ । ଧଳା ମାଛି ମାନେ ହଳଦୀ ରଙ୍ଗ କୁ ଆକୃଷ୍ଟ ହୋଇ ଯନ୍ତା ଅଠାରେ ଲାଖି ମରିଯିବେ । ସାହେବୀ ଆକ୍ରାନ୍ତ ଗଛ ଗୁଡିକୁ ଉପାଡି ନଷ୍ଟ କରି ଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ppm କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ମାଣ୍ଡିଆ | ମାଣ୍ଡିଆ ମଞ୍ଜି ପାକଳ ରୁ ଅମଳ ହେବା ଅବସ୍ଥାରେ ଅଛି । ପାକଳ ମାଣ୍ଡିଆ ଅମଳ କରନ୍ତୁ ଓ ଅମଳ ହୋଇଥିବା ଫସଲକୁ ଅଦିନିଆ ବର୍ଷା ଜନିତ କ୍ଷତି ରୁ ରକ୍ଷା କରିବା ପାଇଁ ସୁରକ୍ଷିତ ସ୍ଥାନକୁ ନିଅନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫୁଲକୋବି | କୋବି ଫସଲରେ ଠିକିଠିପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬ -୮ ଟି ଆଲୋକ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Emamectin Benzoate ୫% SG ୨୦୦ ଲିଟର ପାଣିରେ ମିଶାଇ ସିଂ ଚନ କରନ୍ତୁ। |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଛେଳି | ଶୀତ ଦିନେ ସକାଳ ର କାକର ଭିଜା ଘାସ ଖାଇବା ଦ୍ଵାରା , ଛେଳି ଛୁଆ ଶରୀର କୁ ବହୁତ ମାତ୍ରା ରେ ପରଜୀବୀ ପ୍ରବେଶ କରନ୍ତି । ଏହାର ପ୍ରଭାବ ରେ ଛେଳି ଛୁଆ ଭୟଙ୍କର ପେଟ ଯନ୍ତ୍ରଣା ରେ ପଡି ମୃତ୍ରୁ ବରଣ କରେ । ତେଣୁ ଶୀତ ଦିନେ ଛେଳି ଛୁଆ ମାନଙ୍କୁ ବିଳମ୍ବ ରେ ଚରିବାକୁ ଛାଡନ୍ତୁ । |